# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 11 September – 2025

# କ୍ୟାବିନେଟ୍ ବୈଠକ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ୫ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି । ଭୁବନେଶ୍ୱର ଲୋକସେବା ଭବନରେ ଅନୁଷ୍ଠିତ ବୈଠକରେ ଭୁବନେଶ୍ୱର ପାଇଁ ନୂଆ ସହର ଉନ୍ନୟନ ବା ନିଉ ସିଟି ଯୋଜନାକୁ ମଞ୍ଜୁରୀ ମିଳିଛି । ଗୋଠପାଟଣା, ମଳିପଡା ଓ ଦାସପୁର ଅଞ୍ଚଳର ପ୍ରାୟ ୮୦୦ ଏକର ଜମିକୁ ନେଇ ଏହି ପ୍ରକଳ୍ପ ହେବ । ଆଗାମୀ ୧୫ ବର୍ଷ ମଧ୍ୟରେ ପ୍ରକଳ୍ପ ପାଇଁ ୮ହଜାର ଶହେ ଅଣାଅଶୀ କୋଟି ଟଙ୍କା ଖର୍ଚ୍ଚ ହେବ । ବୈଠକରେ ୪୨୮ଟି ଆମ୍ବୁଲାନ୍ସ କିଣିବା ସହ ଓଡ଼ିଶା ନିଯୁକ୍ତି ପରୀକ୍ଷା ଫି' ନିୟମରେ ପରିବର୍ତ୍ତନ ପାଇଁ ନିଷ୍ପତ୍ତି ନିଆଯାଇଛି । ଗ୍ରାମପଞ୍ଚାୟତ ସମିତି ସ୍ତରରେ ବୃଦ୍ଧି ପାଇଥିବା ପାଣ୍ଠିର ପ୍ରବାହ ଓ ବିକାଶମୂଳକ କାର୍ଯ୍ୟର ପରିମାଣକୁ ଦୃଷ୍ଟିରେ ରଖି ଓଡ଼ିଶା ପଞ୍ଚାୟତ ସମିତି ହିସାବ ପ୍ରଣାଳୀ ନିୟମାବଳୀ ୨୦୦୨ ଅଧୀନରେ ନିର୍ଦ୍ଧାରିତ ବୈଷୟିକ ମଞ୍ଜୁରୀ ଓ ପ୍ରଶାସନିକ ଅନୁମୋଦନ କ୍ଷମତାକୁ ବୃଦ୍ଧି କରାଯାଇଛି । କ୍ୟାବିନେଟ୍ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି ଇ-

ଚାଲାଣ ପୈଠ କରି ନଥିଲେ ସରକାର ଜୋରିମାନା ଅର୍ଥ ପୈଠ ପାଇଁ ଏକକାଳୀନ ସମାଧାନ ଯୋଜନା ଓ.ଟି.ଏସ୍ ଘୋଷଣା କରିଛନ୍ତି ।

## ହାଇକୋର୍ଟ

ଆଇନ୍‌ଜୀବୀମାନେ ନୈତିକତା ଓ ଶୃଙ୍ଖଳାର ସହ ଆଗକୁ ବଢ଼ିବା ଜରୁରୀ ବୋଲି ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ୍ ଟଣ୍ଡନ କହିଛନ୍ତି । ହାଇକୋର୍ଟ ବାର୍ ଆସୋସିଏସନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟ ବିଚାରପତି ନିଜ ବୃତ୍ତି ପ୍ରତି ନିଷ୍ଠାବାନ ରହିବାକୁ ପରାମର୍ଶ ଦେଇଛନ୍ତି ।

## କଙ୍କଡ଼ା ଯାଆଁଳା

କଙ୍କଡା ଚାଷକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ପାରାଦ୍ୱୀପରେ ୫ଲକ୍ଷ ଉତ୍ପାଦନ କ୍ଷମତା ସମ୍ପନ୍ନ ରାଜ୍ୟର ପ୍ରଥମ କଙ୍କଡ଼ା ଯାଆଁଳା ଉତ୍ପାଦନ କେନ୍ଦ୍ରର ନିର୍ମାଣ ହେବ । ଏଥିପାଇଁ ୨ କୋଟି ୮୧ଲକ୍ଷ ଟଙ୍କା ବ୍ୟୟ କରାଯିବ । ଏହି ନିଷ୍ପତ୍ତି ଦ୍ୱାରା ରାଜ୍ୟର କଙ୍କଡ଼ା ଚାଷୀଙ୍କୁ ଅନ୍ୟ ରାଜ୍ୟ ଉପରେ ନିର୍ଭର ହେବାକୁ ପଡିବ ନାହିଁ ଏବଂ ସେମାନଙ୍କ ଆର୍ଥିକ ମାନଦଣ୍ଡରେ ଉନ୍ନତି ଆସିବ ବୋଲି ବିଭାଗୀୟମନ୍ତ୍ରୀ ଗଣେଶ ରାମସିଂହ ଖୁଣ୍ଟିଆ କହିଛନ୍ତି ।

## ସଚିବସ୍ତରୀୟ ବୈଠକ

ଭୁବନେଶ୍ୱର ଲୋକସେବା ଭବନରେ ସଚିବସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ସେମି କଣ୍ଡକ୍ଟର ସହ ସବୁଜ ଉଦ୍‌ଯାନ ଉତ୍ପାଦନକୁ ବୃଦ୍ଧି କରିବା, ସ୍ୱଚ୍ଛ ଉର୍ଜାକୁ ପ୍ରୋତ୍ସାହନ ଦେବା, ପିଏମ୍ ସୂର୍ଯ୍ୟଘର ଯୋଜନାର କାର୍ଯ୍ୟକାରୀତାର ନିୟମିତ ଅନୁଧ୍ୟାନ ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ସାର ଯୋଗାଣ

ସାର ଯୋଗାଣ ନେଇ ପ୍ୟାକ୍ସ ଓ ଲ୍ୟାମ୍ପସରେ ଅନିୟମିତତା ଦେଖାଦେଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମବାୟ ବିଭାଗ ପକ୍ଷରୁ ଜିଲ୍ଲାପାଳମାନଙ୍କୁ ପତ୍ର ଲେଖାଯାଇଛି । ରାଜ୍ୟରେ ଚାଷୀମାନଙ୍କୁ ସାର ଯୋଗାଣ ସୁନିଶ୍ଚିତ କରିବା ପାଇଁ ବିଭାଗ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି ।

## ବ୍ୟାଙ୍କର୍ସ କମିଟି ବୈଠକ

ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ୨୦୩୬ ଏବଂ ୨୦୪୭ ମସିହା ଭିଜନ ଡକ୍ୟୁମେଣ୍ଟରେ ଓଡ଼ିଶା ପାଇଁ ଧାର୍ଯ୍ୟ ଲକ୍ଷ୍ୟ ଅନୁସାରେ ଋଣ ଯୋଗାଇ ଦେବାକୁ ବ୍ୟାଙ୍କମାନଙ୍କ ସହ ଶ୍ରୀମତୀ ଗର୍ଗ ଆଲୋଚନା କରିଛନ୍ତି । କାର୍ଯ୍ୟକ୍ରମରେ ଘରୋଇ ଉତ୍ପାଦ ଅନୁପାତକୁ

ଉନ୍ନତ କରିବା ଏବଂ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ନେଇ ଆଲୋଚନା ହୋଇଥିଲା ।

## ଓଡ଼ିଆ ଭାଷା -ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାର ସମ୍ପର୍କରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଯୋଗଦେଇ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓଡ଼ିଆ ଭାଷାର ବହୁଳ ପ୍ରଚାର ଓ ପ୍ରସାର ସହିତ ସରକାରୀ କାର୍ଯ୍ୟରେ ଏହାର ବ୍ୟାପକ ପ୍ରଚଳନ ହେବା ଆବଶ୍ୟକ ବୋଲି ମତପ୍ରକାଶ କରିଛନ୍ତି । ଏଥିରେ ୨୫ଟି ବିଭାଗରୁ ୧୫୦ଜଣ ସରକାରୀ ଅଧିକାରୀ ଯୋଗ ଦେଇଥିଲେ ।

## ଜାତୀୟ ଶିକ୍ଷାନୀତି

ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ଜାତୀୟ ଶିକ୍ଷାନୀତି ୨୦୨୦ର କାର୍ଯ୍ୟକାରୀତା ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଦ୍ୟାଳୟ, ଶିକ୍ଷା ଓ ଶିକ୍ଷକ ପ୍ରଶିକ୍ଷଣରେ ଜାତୀୟ ଶିକ୍ଷାନୀତିର ଗୁରୁତ୍ୱ ଓ କାର୍ଯ୍ୟକାରୀତା ନେଇ ଆଲୋଚନା ହୋଇଥିଲା ।

## ଦୁର୍ଗାପୂଜା

କଟକ ଜିଲ୍ଲାରେ ଶାରଦୀୟ ଦୁର୍ଗାପୂଜା ଓ ଭସାଣି ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବାକୁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଗ୍ରାମାଞ୍ଚଳ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ଆଇନ୍‌ଶୃଙ୍ଖଳା ସ୍ଥିତି ବଜାୟ ରଖି ପୂଜା ଆୟୋଜନ କରିବାକୁ ପୂଜାକମିଟି ମାନଙ୍କୁ ପରାମର୍ଶ ଦେଇଛନ୍ତି । ଚଳିତବର୍ଷ କଟକ ଗ୍ରାମାଞ୍ଚଳରେ ୪୪୭ଟି ପୂଜା ମଣ୍ଡପରେ ମା’ ଦୁର୍ଗାଙ୍କ ପୂଜା ଅନୁଷ୍ଠିତ ହେବ ।

## କର୍ମଶାଳା

ଭଦ୍ରକ ଜିଲ୍ଲାର ପଳସା ଓ ରାମପୁରଠାରେ ଜାତୀୟ ନିରାପତ୍ତା ମିଶନ ଏବଂ ଚାଷୀ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ କୃଷି ଓ କୃଷକଙ୍କ ଉନ୍ନତି ପାଇଁ ସରକାରଙ୍କ ପକ୍ଷରୁ ଆରମ୍ଭ କରାଯାଇଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା ।

## ତଦାରଖ

ଉଚ୍ଚଶିକ୍ଷା ବିଭାଗର ଉପ ନିର୍ଦ୍ଦେଶକ ଅବିନାଶ ଶତପଥୀ ନବରଙ୍ଗପୁର ଜିଲ୍ଲାରେ ଥିବା ବିଭିନ୍ନ ବିଦ୍ୟାଳୟ ବୁଲି ଆନୁଷଙ୍ଗିକ ବ୍ୟବସ୍ଥାର ତଦାରଖ କରିଛନ୍ତି । ତାଙ୍କ ସହ ଜିଲ୍ଲା ଶିକ୍ଷା ଅଧୀକାରୀ ମଧ୍ୟ ଉପସ୍ଥିତ ଥିଲେ ।

# ବନକଲାଗି ନୀତି

ପୁରୀ ଶ୍ରୀମନ୍ଦିରରେ ଆଜି ଶ୍ରୀଜୀଉଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ । ଏଥିପାଇଁ ଆଜି ସଂଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି ।